ଡ. ଜି.ଏନ୍. ଖଜୁରିଆ ଏବଂ ଅନ୍ୟମାନେ

ବନାମ

ଡି.ଡି.ଏ. ଏବଂ ଅନ୍ୟମାନେ

ମାର୍ଚ୍ଚ 18, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ -ବିକାଶ ଯୋଜନା -ପ୍ରମୋଦ ଉଦ୍ୟାନ ପାଇଁ ନିର୍ଦ୍ଧାରିତ କ୍ଷେତ୍ର -ବିଦ୍ୟାଳୟକୁ ଆବଣ୍ଟନ -ବାସିନ୍ଦାଙ୍କ ଦ୍ୱାରା ଆପତ୍ତି -ବିଦ୍ୟାଳୟ ଭାଙ୍ଗିବା ଏବଂ ଖାଲି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ -ବିଚ୍ୟୁତି ଏବଂ ବେଆଇନ ଆବଣ୍ଟନ ପାଇଁ ଦାୟୀ ବ୍ୟକ୍ତି -ଦାୟିତ୍ୱ ନିର୍ଦ୍ଧାରଣ -ତଦନ୍ତ ପରିଚାଳନା - ରିପୋର୍ଟ -ଉପରଠାଉରିଆ ତଦନ୍ତ ପରିଚାଳନାକୁ ନିନ୍ଦା କରାଗଲା -କର୍ତ୍ତୃପକ୍ଷଙ୍କୁ ଆୟତ୍ତ ଏବଂ ପ୍ରତାରଣା କରିବା ପାଇଁ ଦାୟୀ ବ୍ୟକ୍ତି -ଯୋଜନା ଅନୁମୋଦିତ ହେବା ପରେ ବିଦ୍ୟାଳୟକୁ ସ୍ଥାନ ଆବଣ୍ଟନ ଆରମ୍ଭ କରିବା -ଯୋଜନା ଶେଷରେ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଦ୍ୱାରା ଅନୁମୋଦିତ - ଏପରି ପରିସ୍ଥିତିରେ ରିପୋର୍ଟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 2 ।

ଦେୱାନୀ ଅପିଲ ସଂଖ୍ୟା 7933/1995 ରେ ।

ସି.ଡବ୍ଲ୍ୟୁ.ପି. ନମ୍ବର 3812/1992ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 8.3.94 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ଜି.କେ. ବଂଶଲ ।

ଉତ୍ତରଦାତାମାନଙ୍କ ପାଇଁ ଜେ. ଡି. ଜୈନ।

ଡି.ଡି.ଏ. ପାଇଁ ଗୋପାଳ ସୁବ୍ରମଣ୍ୟମ ଏବଂ ସୁଶ୍ରୀ ଇନ୍ଦୁ ମାଲହୋତ୍ରା ।

ଉତ୍ତରଦାତା ସଂଖ୍ୟା 2 ପାଇଁ ଡି.ଭି. ସେହଗଲ, ପ୍ରଦୀପ କୁମାର, ସୁଶ୍ରୀ ନୈନା କିଜରିୱାଲ ଏବଂ ସୁଶ୍ରୀ ଅନୀଲ କଟିୟାର।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଯାଇଥିଲା:

ଅନୁରୋଧ ଅନୁଯାୟୀ, ଏହି ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ସ୍କୁଲ ଖାଲି କରିବା ଏବଂ ଭାଙ୍ଗିବା ପାଇଁ ସମୟ 30 ଏପ୍ରିଲ, 1996 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ଯଦିଓ ଭାରତ ସରକାରଙ୍କ ସହର ଏବଂ ଦେଶ ଯୋଜନା ସଂଗଠନର ମୁଖ୍ୟ ଯୋଜନାକାର ଶ୍ରୀ ଡି.ଏସ୍. ମେଶ୍ରାମ, ସହରାଞ୍ଚଳ ବ୍ୟାପାର ଏବଂ ନିଯୁକ୍ତି ମନ୍ତ୍ରଣାଳୟ 17 ନଭେମ୍ବର 1995 ତାରିଖରେ ରିପୋର୍ଟ ଦାଖଲ କରିଛନ୍ତି । ଦୁର୍ଭାଗ୍ୟବଶତଃ, ସେ ଏହି ନ୍ୟାୟାଳୟଙ୍କ ଆଦେଶର ପ୍ରଭାବ ପ୍ରତି ଧ୍ୟାନ ଦେଇ ନାହାଁନ୍ତି କିମ୍ବା ସେହି ଦୃଷ୍ଟିକୋଣରୁ ପ୍ରସଙ୍ଗଟିକୁ ଉଠେଇ ନାହାଁନ୍ତି । ସେ କେବଳ ଉପରଠାଉରିଆ ତଦନ୍ତ କରିଛନ୍ତି ଏବଂ ଯାହା ସ୍ପଷ୍ଟ ତାହା କହିଛନ୍ତି ଏବଂ ଅଧିକ କିଛି କହି ନାହାଁନ୍ତି । ସେ ତଦନ୍ତକୁ ଗଭୀର ଭାବରେ ଯାଞ୍ଚ କରିବା ଉଚିତ୍ ଥିଲା କିନ୍ତୁ ତାହା କରିବାରେ ବିଫଳ ହୋଇଥିଲେ । ତାଙ୍କର ରିପୋର୍ଟ ଜଣେ କିରାଣୀଙ୍କ ଟିପ୍ପଣୀ ରଖିବା ଭଳି ଏବଂ ଏହାଠାରୁ ଅଧିକ କିଛି ନୁହେଁ । ତଥାପି, ଆମେ ରିପୋର୍ଟ ସହିତ ସଂଲଗ୍ନ ନଥିକୁ ଯତ୍ନର ସହ ଅନୁଧ୍ୟାନ କରିଛୁ ।ନଥିରୁ, ଏହା ସ୍ପଷ୍ଟ ଯେ ମୂଳତଃ ଏହି ଅଞ୍ଚଳଟି ପାର୍କ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ପାର୍କ ପାଇଁ ଉଦ୍ଦିଷ୍ଟ ଜମିରେ ଏହା କୌଣସି ତୃତୀୟ ସଂସ୍ଥାକୁ ଆବଣ୍ଟିତ କରାଯିବାର କୌଣସି ସୂଚନା  ନଥିଲା । ବାସ୍ତବରେ, ଉପାଧ୍ୟକ୍ଷ ମଧ୍ୟ ସେହି ବିଷୟରେ ବାରମ୍ବାର ଉଲ୍ଲେଖ କରିଥିଲେ । ସେ ବିଦ୍ୟାଳୟକୁ ଖାଲି କରିବା ଏବଂ ପାର୍କକୁ ସଂରକ୍ଷିତ କରିବା ପାଇଁ ମଧ୍ୟ ନୋଟିସ୍ ଜାରି କରିଥିଲେ । ଯଦିଓ ଏହା ଅନୁଯାୟୀ ନୋଟିସ୍ ଦିଆଯାଇଥିଲା, କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଫଳସ୍ୱରୂପ, ବାସିନ୍ଦାମାନଙ୍କୁ ଏହି ମାମଲା ଉଠାଇବାକୁ ପଡ଼ିଥିଲା ଏବଂ ଶେଷରେ ଏହି ଅଦାଲତରୁ ଆଦେଶ ପାଇବାରେ ସଫଳ ହୋଇଥିଲେ ।

ବିଚ୍ୟୁତି ଏବଂ ବେଆଇନ ଆବଣ୍ଟନ ପାଇଁ ଦାୟୀ ବ୍ୟକ୍ତିଙ୍କୁ ଆମେ ଅନୁସନ୍ଧାନ କରିବାକୁ ଚେଷ୍ଟା କରିଥିଲୁ, କିନ୍ତୁ ଏହି ପରିସ୍ଥିତିରେ ସେହି ଉଦ୍ଦେଶ୍ୟରେ ଦାୟୀ ପ୍ରକୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା କଷ୍ଟକର । ସେ କୁଶଳତାର ସହ ପରିଚାଳନା କରିଥିଲେ ଏବଂ ଯୋଜନା ଅନୁମୋଦନ ପରେ ବିଦ୍ୟାଳୟକୁ ଜାଗା ଆବଣ୍ଟନ କରି କର୍ତ୍ତୃତ୍ୱ ହାସଲ କରିବାକୁ ଲୁଚାଇ ରଖିଥିଲେ । ଯେହେତୁ ଏହି ଯୋଜନା ଶେଷରେ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା, ଏହା ସରକାରୀ କାର୍ଯ୍ୟାନୁଷ୍ଠାନ ତଳେ ଚାପି ହୋଇ ରହିଯାଇଥିଲା । ସେ ଆଇନର କବଳରୁ ରକ୍ଷା ପାଇଛନ୍ତି । ତେଣୁ ଏଭଳି ପରିସ୍ଥିତିରେ କିଛି କରାଯାଇପାରିବ ନାହିଁ ।ସେହି ଅନୁଯାୟୀ ରିପୋର୍ଟକୁ ବନ୍ଦ କରିଦିଆଯାଇଛି ।

ଟି.ଏନ୍.ଏ.

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।